## ସେଲ୍ଫି କର୍ଣ୍ଣର ଧରିତ୍ରୀ

### ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

balasoreselfie@gmail.com



@ଅଞ୍ଜଳି



@ରାଜୁ



@ଦୀପଙ୍କର



@ମନୋଜ

ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ।

# ରାଣୀଭୋଳ ଓଏଭିକୁ ସର୍ବଶ୍ରେଷ୍ଠ ମାନ୍ୟତା

**ବାରିପଦା ଅଫିସ,୧୩।୧୦**



**'ଇଣ୍ଡିଆ ସ୍କୁଲ ର୍ୟାଙ୍କିଙ୍ଗ ୨୦୨୨-୨୩'**

ସର୍ବଭାରତୀୟସ୍ତରର ଶ୍ରେଷ୍ଠ ସ୍କୁଲ୍ ତାଲିକାରେ ମୟୂରଭଞ୍ଜ ଜିଲା ରାଣୀଭୋଳ ଓଡ଼ିଶା ଆଦର୍ଶ ବିଦ୍ୟାଳୟ(ଓଏଭି) ୧୦ମ ସ୍ଥାନ ଅଧିକାର କରିଛି । ରାଜ୍ୟର ହାତୀଓଟା ଓଏଭି ୫ମ ଏବଂ ବାରିପଦାସ୍ଥିତ ରାଣୀଭୋଳ ଓଏଭି ବିଦ୍ୟାଳୟ ୧୦ମ ସ୍ଥାନରେ ରହିଥିବା ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟୁଇଟ୍ କରି ଶୁଭେଚ୍ଛା ଜଣାଇଛନ୍ତି। ଗୁଣାତ୍ମକ ଶିକ୍ଷାଦାନ ଏବଂ ବିଦ୍ୟାଳୟସ୍ତରୀୟ ସହ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କ ଉତ୍ତମ ପ୍ରଦର୍ଶନକୁ ନେଇ ଏହି ସଫଳତା ହାସଲ କରିପାରିଛି। ଇଡବ୍ଲ୍ୟୁ ପୋର୍ଟାଲ ଦ୍ୱାରା ପ୍ରକାଶିତ 'ଇଣ୍ଡିଆ ସ୍କୁଲ ର୍ୟାଙ୍କିଙ୍ଗ ୨୦୨୨-୨୩' ତାଲିକାରେ ଶ୍ରେଷ୍ଠ ସରକାରୀ ସ୍କୁଲ୍ ଭାବେ ରାଣୀଭୋଳ ଓଏଭି ବିଦ୍ୟାଳୟ ରହିଛି। ରାଣୀଭୋଳ ଓଏଭି ବିଦ୍ୟାଳୟଟି ୨୦୧୬ମସିହାରେ ପ୍ରତିଷ୍ଠା ହୋଇ କାର୍ଯ୍ୟାରମ୍ଭ ହୋଇଥିଲା। ଚଳିତ ବର୍ଷ ୬ଷ୍ଠରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ୫୭୧ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ଶିକ୍ଷାଦାନ ନିମନ୍ତେ ପ୍ରଧାନଶିକ୍ଷକଙ୍କ ସହ ୨୦ଜଣ ଶିକ୍ଷୟିତ୍ରୀ ଶିକ୍ଷକ ନିଯୁକ୍ତ ହୋଇଛନ୍ତି। ବିଗତ ୨ବର୍ଷ ଧରି ମାଟ୍ରିକ ଓ ଏକାଦଶ ପରୀକ୍ଷାରେ ଶତ ପ୍ରତିଶତ ରେଜଲ୍ଟ ହାସଲ କରି ଛାତ୍ରୀଛାତ୍ରମାନେ ବିଦ୍ୟାଳୟର ଗର୍ବ ଗୌରବ ପ୍ରତିପାଦନ କରିଛନ୍ତି। ଏହା ବ୍ୟତୀତ ସ୍କୁଲ୍ ପରିସର ପରିଷ୍କାର ପରିଚ୍ଛନ୍ନତା, ବୈଜ୍ଞାନିକ ମେଧା ଅନ୍ୱେଷଣ କାର୍ଯ୍ୟକ୍ରମ, ଓଏଭି ମହୋତ୍ସବର ପୋଏମ ପ୍ରତିଯୋଗିତା ଏବଂ କ୍ଲାସିକାଲ ସିନିଅର ଡ୍ୟାନ୍ସରେ ରାଜ୍ୟସ୍ତରରେ ପ୍ରଥମ ହେବା ସହିତ ସ୍କୁଲ୍‌ରେ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର ଉଚ୍ଚକୋଟୀର ପାରଦର୍ଶିତା ପ୍ରଦର୍ଶନ କରି ଜିଲା ତଥା ରାଜ୍ୟସ୍ତରରେ ସୁନାମ ଅର୍ଜନ କରିଚାଲିଛନ୍ତି। ଶିକ୍ଷକ କଲ୍ୟାଣ ଓ ଉନ୍ନତି, ଶିକ୍ଷୟିତ୍ରୀ ଓ ଶିକ୍ଷକମାନଙ୍କ ପାରଦର୍ଶିତା, ଶିକ୍ଷାନୁଷ୍ଠାନର ଖ୍ୟାତି, ସହ ଶିକ୍ଷା କାର୍ଯ୍ୟକ୍ରମ, ଅନ୍‌ଲାଇନ ଶିକ୍ଷାଦାନର ପ୍ରତିଫଳନ, ଶିକ୍ଷାର୍ଥୀଙ୍କ ପ୍ରତି ବ୍ୟକ୍ତିଗତ ଧ୍ୟାନ, ଉତ୍ତମ ମାନର ନେତୃତ୍ୱ ଓ ପରିଚାଳନା, ଅଭିଭାବକଙ୍କ ସହଭାଗିତା, ସ୍କୁଲ୍‌ର ଆବଶ୍ୟକ ଭିତ୍ତିଭୂମି, ମାନସିକ ଓ ଭାବପ୍ରବଣର ଯଥାର୍ଥିତ ସେବା, ଶିକ୍ଷାର ସ୍ୱତନ୍ତ୍ର ଆବଶ୍ୟକତା, ସରକାରୀ ଅନୁଦାନର ଉଚିତ ବିନିଯୋଗ ଓ ଗୋଷ୍ଠୀଗତ ସେବା ପ୍ରଦାନରେ ଉଲ୍ଲେଖନୀୟ ଅବଦାନ ରହିଥିବାରୁ ସ୍କୁଲକୁ ସର୍ବଭାରତୀୟ ର୍ୟାଙ୍କିଙ୍ଗ୍ ତାଲିକାରେ ସ୍ଥାନ ପାଇପାରିଛି। ବିଦ୍ୟାଳୟର ସଫଳତା ପଛରେ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ପ୍ରଧାନଶିକ୍ଷକ ବିଭୂତି ଭୂଷଣ ମଣ୍ଡଳ ଶ୍ରେୟ ପ୍ରଦାନ କରିଛନ୍ତି। ଆଗାମୀ ଦିନରେ ଛାତ୍ରୀଛାତ୍ରମାନଙ୍କ ଶାରୀରିକ, ବୌଦ୍ଧିକ, ମାନସିକ ଓ ଶିକ୍ଷା କ୍ଷେତ୍ରରେ ସ୍ୱତନ୍ତ୍ର ଦୃଷ୍ଟି ଦେଇ ଜିଲାର ଗୌରବକୁ ବଜାୟ ରଖିବା ନେଇ ସମସ୍ତ କର୍ମଚାରୀ ପ୍ରତିଶ୍ରୁତିବଦ୍ଧ ହୋଇଛନ୍ତି ।

### ସ୍କୁଲ୍ ଛାତରୁ ପ୍ଲାଷ୍ଟର ଖସିବା ଘଟଣା

# ବଦଳିଲେ କନିଷ୍ଠ ଯନ୍ତ୍ରୀ

**କେନ୍ଦୁଝର,୧୩।୧୦(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ଘଟଗାଁ ବ୍ଲକ୍ ଅଧୀନ ଅର୍ଜ୍ଜୁନବିଲା ପ୍ରାଥମିକ ବିଦ୍ୟାଳୟ ସିଲିଂରୁ ପ୍ଲାଷ୍ଟର ଖସି ୭ ଆଦିବାସୀ ଛାତ୍ରୀଛାତ୍ର ଆହତ ଘଟଣାରେ ଉକ୍ତ ଘର ମରାମତି ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀଙ୍କ ବଦଳି ହୋଇଛି। ଦାୟିତ୍ୱରେ ଅବହେଳା ପାଇଁ କନିଷ୍ଠ ଯନ୍ତ୍ରୀ ସସ୍ମିତା ହେମ୍ବ୍ରମଙ୍କ ପାଟଣାକୁ ବଦଳି କରାଯାଇଛି। କାର୍ଯ୍ୟାନୁଷ୍ଠାନ ପରିବର୍ତ୍ତେ ବଦଳି କରି ପ୍ରଶାସନ ଦାୟିତ୍ୱ ଶେଷ କରିଦେଇଥିବା ଅଭିଭାବକ ଅଭିଯୋଗ କରିଛନ୍ତି।

ପ୍ରକାଶ ଯେ, ଉକ୍ତ ଶ୍ରେଣୀରେ ୫ମ ଶ୍ରେଣୀ ପିଲା ମାନେ ପାଠ ପଢୁଥିବାବେଳେ ସ୍କୁଲ୍ ଛାତରୁ ପ୍ଲାଷ୍ଟର ଖସିଥିଲା। ବିଦ୍ୟାଳୟର ରାଜଶ୍ରୀ ନାୟକ, ସୁକୁମାରୀ ମୁଣ୍ଡା, ଜାନୁ ସିଂ ପୂର୍ତ୍ତି, ଗାଙ୍ଗି ମୁଣ୍ଡା, ସୋନାଲୀ ମୁଣ୍ଡା, ଆରତୀ ହନହଗା, ଅଙ୍କିତା ମୁଣ୍ଡା ଆହତ ହୋଇ ଘଟଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହୋଇ ଘରକୁ ଫେରିଥିଲେ। ଏହାର ତଦନ୍ତ ପାଇଁ ପିଡି ଡିଆରଡିଏ ବିଷ୍ଣୁପ୍ରସାଦ ଆଚାର୍ଯ୍ୟ ଘଟଗାଁ ବିଡିଓଙ୍କୁ ଚିଠି ନଂ ୫୫୬୨, ୩୦ ସେପ୍ଟେମ୍ବର ୨୦୨୨ରେ ଆଦେଶ କରିଥିଲେ। ଘଟଗାଁ ବିଡିଓ ନାରାୟଣ ସାହୁ ଅର୍ଜ୍ଜୁନବିଲା ସ୍କୁଲ ଯାଇ ତଦନ୍ତ କରି ପିଡି ଡିଆରଡିଏଙ୍କୁ ରିପୋର୍ଟ ପ୍ରଦାନ କରିଥିଲେ। ସ୍କୁଲ ମରାମତି ସମୟରେ ସଠିକ୍ ତଦାରଖ ହୋଇ ନ ଥିବାରୁ ଏପରି ଅଘଟଣ ଘଟିଥିବା ସ୍ଥାନୀୟ ଲୋକ ଅଭିଯୋଗ କରିଥିଲେ।

# ଭତ୍ତାକୁ ଅପେକ୍ଷା କରି ଆଖି ବୁଜିଲେ ବିଧବା

■ ୬ ମାସ ହେଲା ମିଳିନି
■ ଉପଜିଲାପାଳଙ୍କୁ ଭେଟିଲେ ପୁଅ

**ଆନନ୍ଦପୁର,୧୩।୧୦(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ଆନନ୍ଦପୁର ପୌରପରିଷଦରେ ଜଣେ ହିତାଧିକାରୀ ୬ ମାସ ହେଲା ବିଧବା ଭତ୍ତାକୁ ଅପେକ୍ଷା କରି ଶେଷରେ ଆଖି ବୁଜିଛନ୍ତି। ଗତ ମାର୍ଚ୍ଚରୁ ଭତ୍ତା ମିଳି ନ ଥିବାବେଳେ ସେପ୍ଟେମ୍ବର ୨୯ରେ ତାଙ୍କର ବିୟୋଗ ହୋଇଛି। ତେବେ ତାଙ୍କୁ ମିଳି ନ ଥିବା ବକେୟା ଭତ୍ତା ଟଙ୍କା କୁଆଡ଼େ ଗଲା, ତାହା ମିଳିବ କି ନାହିଁ ସେନେଇ ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ନେଇ ତାଙ୍କ ପୁଅ ପୌର କାର୍ଯ୍ୟାଳୟରେ ଅଭିଯୋଗ କରି ନିରାଶ ହେବା ପରେ ଆନନ୍ଦପୁର ଉପଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି।

ଆନନ୍ଦପୁର ପୌରପରିଷଦ ୭ନଂ. ୱାର୍ଡର କୀର୍ତ୍ତନ ଯେନାଙ୍କ ସ୍ତ୍ରୀ ବାଜିଣୀ ଯେନାଙ୍କୁ ଭତ୍ତା ମଞ୍ଜୁର ସଂଖ୍ୟା ଓଆର-ଏସ-୦୨୮୬୧୬୧୮ ଆଧାରରେ ବିଧବା ଭତ୍ତା ପ୍ରଦାନ କରାଯାଉଥିଲା। ପୌର କର୍ମଚାରୀଙ୍କ ଦ୍ୱାରା ତାଙ୍କୁ କ୍ୟାଶ୍ ଆକାରରେ ଭତ୍ତା ପ୍ରଦାନ କରାଯାଉଥିଲା। ହିତାଧିକାରୀଙ୍କ ନିକଟରେ ରହିଥିବା ଖାତା ଅନୁସାରେ ତାଙ୍କୁ ୨୦୨୨ ମାର୍ଚ୍ଚ ୧୭ରେ ଶେଷଥର ୭ଶହ ଟଙ୍କା ଦିଆଯାଇଥିବା ଉଲ୍ଲେଖ ରହିଛି। ଅସୁସ୍ଥତା କାରଣରୁ ସେ ଟଙ୍କା ଆଣିବାକୁ ଯାଇପାରୁ ନ ଥିଲେ। ପୁଅ ମାଟିଆ ଯେନା ଭତ୍ତା ଟଙ୍କା ପାଇଁ ଯାଉଥିବା ବେଳେ ପୌର କାର୍ଯ୍ୟାଳୟ ପକ୍ଷରୁ ତାଙ୍କୁ ଟଙ୍କା ଦିଆଯାଇ ନ ଥିଲା। ଅସୁସ୍ଥତା କାରଣରୁ ବାଜିଣୀଙ୍କ ୨୦୨୨ ସେପ୍ଟେମ୍ବର ୨୯ରେ ବିୟୋଗ ଘଟିଥିଲା। ପରେ ବକେୟା ଭତ୍ତା ଟଙ୍କା ପାଇବା ପାଇଁ ବହୁବାର ପୁଅ ପୌର କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇଥିଲେ ବି ତାଙ୍କୁ ନିରାଶ ହେବାକୁ ପଡ଼ିଛି। ଅଭିଯୋଗ ପରେ ଉପଜିଲାପାଳ ଅନିଲ ସେଠୀ ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ବକେୟା ଭତ୍ତା ସମ୍ପର୍କିତ ତଥ୍ୟ ହସ୍ତଗତ ହେବା ପରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ ବୋଲି ସେଠୀ କହିଛନ୍ତି।

# ମହିଳାଙ୍କୁ ନିର୍ଯାତନା ଅଭିଯୋଗ

**କୁଆମରା,୧୩।୧୦(ଡି.ଏନ.ଏ.):** ଖୁଣ୍ଟା ଥାନା ଅନ୍ତର୍ଗତ ବାଲଡ଼ିହା ଗ୍ରାମର ଜଣେ ମହିଳାଙ୍କୁ ତାଙ୍କ ସ୍ୱାମୀ ଶାରୀରିକ ନିର୍ଯାତନା ଦେଉଥିବା ଅଭିଯୋଗ ହୋଇଛି। ମହିଳା ଏ ନେଇ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ କରୁଛି। ସୂଚନା ମୁତାବକ, ସାବିତ୍ରୀ ଦେହୁରୀ ( ୩୫)ଙ୍କ ୫ବର୍ଷ ପୂର୍ବେ ବିବାହ ହୋଇଥିବା ବେଳେ ସ୍ୱାମୀଙ୍କ ମୃତ୍ୟୁ ପରେ ବାପ ଘର ରହୁଥିଲେ। ବର୍ଷେ ତଳେ ସେ ଉକ୍ତ ଥାନା ଅନ୍ତର୍ଗତ ଭୁଡୁରୁକୁଲା ଗ୍ରାମର ଠାକୁରା ମୁର୍ମୁଙ୍କୁ ଭଲପାଇ ଦ୍ୱିତୀୟ ବିବାହ କରିଥିଲେ। ବିବାହର ୬ ମାସ ପରେ ଠାକୁରା ସାମାନ୍ୟ କଥାକୁ ନେଇ ସାବିତ୍ରୀଙ୍କୁ ମାଡ଼ ମାରିବା ସହ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରୁଥିବା ଅଭିଯୋଗରେ ଦର୍ଶାଇଛନ୍ତି। ଗୁରୁବାର ସ୍ୱାମୀଙ୍କ ମାଡ଼ରେ ସେ ଆହତ ହୋଇଥିବା ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ନଂ. ୨୭୭/୨୨ ରେ ଏକ ମାମଲା ରୁଜୁ କରି ତଦନ୍ତ କରୁଛି।




# ଅଙ୍ଗନୱାଡି କର୍ମୀ ନିଯୁକ୍ତି ବିରୋଧରେ ତାତିଲେ ଗ୍ରାମବାସୀ

**ମୋରଡ଼ା,୧୩।୧୦ (ଡି.ଏନ୍.ଏ):** ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଅଧୀନ ଭାଲିଆଡିହା ପଞ୍ଚାୟତ ଡାକୋଇ ଗ୍ରାମରେ ଅଙ୍ଗନୱାଡି କର୍ମୀ ନିଯୁକ୍ତି ବିରୋଧରେ ତାତିଛନ୍ତି ଗ୍ରାମବାସୀ। ଗୁରୁବାର ସେମାନେ ଅଙ୍ଗନୱାଡି କେନ୍ଦ୍ରରେ ତାଲା ପକାଇଛନ୍ତି। ସେମାନେ ଅଭିଯୋଗ କରିଛନ୍ତି ଯେ, ଉକ୍ତ ଗ୍ରାମର ଲକ୍ଷ୍ମୀ ସିଂ ଓ ଅନ୍ୟ ଜଣେ ମହିଳା ସେପ୍ଟେମ୍ବରରେ ଅଙ୍ଗନୱାଡି କର୍ମୀ ପାଇଁ ଦରଖାସ୍ତ ଦେଇଥିଲେ। ଲକ୍ଷ୍ମୀ ଜଣେ ବିଧବା ଓ ଗରିବ ଶ୍ରେଣୀର ହୋଇଥିବାରୁ ତାଙ୍କୁ ନିଯୁକ୍ତି କରାଯାଉ ବୋଲି ସେମାନେ ସିଡିପିଓଙ୍କୁ ଅନୁରୋଧ କରିଥିଲେ। ଏନେଇ ଜିଲାପାଳଙ୍କୁ ମଧ୍ୟ ଦରଖାସ୍ତ ଦେଇଥିଲେ। ହେଲେ ଗ୍ରାମବାସୀଙ୍କ ଅଜାଣତରେ ଲକ୍ଷ୍ମୀଙ୍କ ବଦଳରେ ଅନ୍ୟ ମହିଳା ଜଣଙ୍କୁ ନିଯୁକ୍ତି ଦିଆଯାଇଛି। ସେମାନେ ସିଡିପିଓଙ୍କୁ ଏହାର ପ୍ରତିବାଦ ଜଣାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇ ନାହିଁ। ଏ ସମ୍ପର୍କରେ ସିଡିପିଓଙ୍କ ସହ ଯୋଗାଯୋଗ ସମ୍ଭବ ହୋଇପାରି ନାହିଁ।

### ବିଲରୁ ମୃତଦେହ ଜବତ ଘଟଣା

# ପ୍ରତିଶୋଧ ନେବାକୁ ହତ୍ୟାକାଣ୍ଡ

**ଆନନ୍ଦପୁର,୧୩।୧୦(ସ୍ୱ.ପ୍ର.):** ଆନନ୍ଦପୁର ଉପଖଣ୍ଡ ଘସିପୁରା ଥାନା ଅଧୀନ ଜାମୁବାହାଳି ପାହାଡ଼ ନିକଟସ୍ଥ ବିଲରୁ ଚଳିତ ମାସ ୯ରେ ଜଣେ ଯୁବକଙ୍କ କ୍ଷତାକ୍ତ ମୃତଦେହ ପୋଲିସ ଜବତ କରିଥିଲା। ଘଟଣାରେ ତଦନ୍ତ କରି ପୋଲିସ ଗୁରୁବାର ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ପୂର୍ବ ଶତ୍ରୁତାର ପ୍ରତିଶୋଧ ନେବାକୁ ପଥରରେ ଛେଚି ହତ୍ୟା କରିଥିବା ଅଭିଯୁକ୍ତ ପୋଲିସ ଆଗରେ ସ୍ୱୀକାର କରିଛି। ଅଭିଯୁକ୍ତ ଜଣଙ୍କ ହେଲେ ଥାନା ଅଧୀନ ବିଜୁ ମାରାଣ୍ଡି। ପୋଲିସ ସୂଚନା ମୁତାବକ, ମୃତକ ଝିଙ୍କିପିଟା ଗ୍ରାମର ବୈଦ୍ୟନାଥ ମାରାଣ୍ଡି ଓ ବିଜୁ ମଧ୍ୟରେ ଗତ ଗମ୍ଭା ପୂର୍ଣ୍ଣିମାରେ ହାଣ୍ଡିଆ ଦେବା ନେବାକୁ ନେଇ ବିବାଦ ହୋଇଥିଲା। ଗତ ୭ ତାରିଖରେ ଯୁଗଳକିଶୋରପୁର ବାଟରେ ବୈଦ୍ୟନାଥଙ୍କୁ ଏକଟୁଆ ପାଇ ବିଜୁ ପ୍ରତିଶୋଧ ପରାୟଣ ହୋଇଯାଇଥିଲେ। ବୈଦନାଥଙ୍କୁ ପଥର ମାଡ଼ କରିଥିଲେ। ଏଥିରେ ବୈଦ୍ୟନାଥ ଜାମୁବାହାଳି ପାହାଡ଼ ନିକଟସ୍ଥ ଏକ ବିଲରେ ପଡ଼ିଯାଇଥିଲେ। ପରେ ଅଭିଯୁକ୍ତ ଆଉ ଏକ ପଥରରେ ତାଙ୍କ ମୁହଁକୁ ଛେଚି ହତ୍ୟା କରିଥିଲେ। ୯ ତାରିଖରେ ଶବ ଜବତ ପରେ ମୃତକଙ୍କ ଭାଇ ମାନସିଂ ମାରାଣ୍ଡି ଘସିପୁରା ଥାନାରେ ଏକ ଅଭିଯୋଗ କରିଥିଲେ। ଥାନା ଅଧିକାରୀ ବିକ୍ରମ କେଶରୀ ନଂ. ୩୦୫/୨୨ରେ ଏକ ମାମଲା ରୁଜୁ କରି ବୁଧବାର ତିନି ଜଣଙ୍କୁ ଅଟକ ରଖି ପଚରାଉଚୁରା କରିଥିଲେ। ପ୍ରତିଶୋଧ ନେବାକୁ ଅଭିଯୁକ୍ତ ନିଜେ ହତ୍ୟା କରିଥିବା ସ୍ୱୀକାର କରିଥିଲା। ପରେ ପୋଲିସ ତାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।




# ଜେଲଗଲେ କନିଷ୍ଠ କିରାଣି

### ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ

**କେନ୍ଦୁଝର,୧୩।୧୦(ସ୍ୱ.ପ୍ର.)**

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ କେନ୍ଦୁଝର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ନିର୍ଦ୍ଦେଶକ୍ରମେ ବାଂଶପାଳ ବିଇଓ କାର୍ଯ୍ୟାଳୟର କନିଷ୍ଠ କିରାଣି ଗଙ୍ଗାଧର ସାହୁଙ୍କ ସରକାରୀ ବାସଭବନ ସମେତ ୫ଟି ସ୍ଥାନରେ ବୁଧବାର ଭିଜିଲାନ୍ସ ବିଭାଗ ଚଢ଼ାଉ କରିଥିଲା। ଗୁରୁବାର ଦିନ ତାଙ୍କୁ ଗିରଫ କରାଯାଇ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ହାଜର କରାଯାଇଥିଲା। ଜାମିନ୍ ନାମଞ୍ଜୁର ହେବାରୁ ଜେଲ ହାଜତକୁ ପଠାଇ ଦିଆଯାଇଥିବା ଭିଜିଲାନ୍ସ ଏସ୍‌ପି ନରହରି ନାୟକ କହିଛନ୍ତି। ଭିଜିଲାନ୍ସ ଟିମ୍ କେନ୍ଦୁଝର ଜେଲ ରୋଡ୍ ସ୍ଥିତ ସରକାରୀ ବାସଭବନ, ଭାଲୁକିପତଳା ସ୍ଥିତ ତିନି ମହଲା ଘର, ତେଲକୋଇ ବ୍ଲକ୍ ତାଳପଦା ସ୍ଥିତ ପୈତୃକ ଘର, ବାଂଶପାଳ ବିଇଓ କାର୍ଯ୍ୟାଳୟ ସମେତ ଶ୍ୱଶୁର ଘର ସରାସପଶିରେ ଏକକାଳୀନ ଚଢ଼ାଉ କରାଯାଇଥିଲା। ମୋଟ ୧ କୋଟି ୨୩ ଲକ୍ଷ ଟଙ୍କାର କୋଠାଘର, ଗାଡି, ବ୍ୟାଙ୍କ ଓ ବୀମା ଜମା ଠାବ କରାଯାଇଥିଲା। ପ୍ରକାଶ ଯେ, ତାଙ୍କ ନାମରେ ବାରମ୍ବାର ଅଭିଯୋଗ ହେବା ପରେ ଭିଜିଲାନ୍ସ ବିଭାଗ ୨୦୨୧ ମସିହାରୁ ତଥ୍ୟ ସଂଗ୍ରହ କରି ଆସୁଥିଲା। ଗତ ୧୦ ତାରିଖରେ ଆୟ ବର୍ହିଭୂତ ସମ୍ପତ୍ତି ଯାଞ୍ଚ ପାଇଁ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରୁ ୱାରେଣ୍ଟ ବଳରେ ଚଢ଼ାଉ କରାଯାଇଥିଲା। କେସ ନମ୍ବର ୩୧/୨୦୨୨ରେ ମାମଲା ରୁଜୁ କରିଥିଲା।

## ଘର ଆଗରୁ ବୃଦ୍ଧାଙ୍କ ମୃତଦେହ ଜବତ

ଠାକୁରମୁଣ୍ଡା,(ଡି.ଏନ.ଏ): ମୟୁରଭଞ୍ଜ ଜିଲା ମହୁଲଡ଼ିହା ଥାନା ବଉଳା ଗ୍ରାମରେ ଘର ଆଗରୁ ପୋଲିସ ଜଣେ ବୃଦ୍ଧାଙ୍କ ମୃତଦେହ ଜବତ କରିଛି। ମୃତକ ହେଲେ ଜୟରାମ ପୁର୍ତ୍ତୀଙ୍କ ସ୍ତ୍ରୀ ସୁନେଇ। ଉଭୟ ଦମ୍ପତି ଗାଁ ଶେଷ ମୁଣ୍ଡରେ ଏକ ନିଛାଟିଆ ସ୍ଥାନରେ ରହୁଥିଲେ। ଗତ ମଙ୍ଗଳବାର ଜୟରାମ ଭାଲିଆଡ଼ାଲ ପଞ୍ଚାୟତକୁ ଭତ୍ତା ପାଇଁ ଯାଇଥିଲେ। ସେଠାରେ ସମ୍ପର୍କୀୟଙ୍କ ଘରେ ରାତିରେ ରହିଯାଇଥିଲେ। ବୁଧବାର ରାତିରେ ଘରକୁ ଫେରି ସ୍ତ୍ରୀଙ୍କ ମୃତଦେହ ପଡ଼ିଥିବା ଦେଖିଥିଲେ। ଗୁରବାର ସକାଳେ ପୁତୁରା ସହ ଥାନାରେ ଖବର ଦେଇଥିଲେ। ୨ ଦିନ ପୂର୍ବରୁ କେହି ହତ୍ୟା କରିଥିବା ପୋଲିସ ସନ୍ଦେହ କରୁଛି।

## ସଂକ୍ଷେପରେ

### କାଏମ ରହିଲା ୩ ପ୍ରାର୍ଥିପତ୍ର
#### ଚୂଡ଼ାମଣି ସମିତିସଭ୍ୟ ଉପନିର୍ବାଚନ

ବାସୁଦେବପୁର,୧୩।୧୦(ଡି.ଏନ.ଏ.)- ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ଚୂଡ଼ାମଣି ପଞ୍ଚାୟତର ସମିତିସଭ୍ୟ ଉପନିର୍ବାଚନ ପାଇଁ ବୁଧବାର ୩ଜଣ ପ୍ରାର୍ଥୀ ନାମାଙ୍କନ ଦାଖଲ କରିଥିଲେ। ଗୁରୁବାର ଯାଞ୍ଚ ପରେ ୩ ପ୍ରାର୍ଥୀଙ୍କ ନାମାଙ୍କନପତ୍ର କାଏମ ରହିଛି। ୩ ପ୍ରାର୍ଥୀ ହେଲେ ବିଜେଡି ସମର୍ଥିତ ମମତା ନାୟକ, କଂଗ୍ରେସ ସମର୍ଥିତ ପ୍ରଭାତ କୁମାର ବାରିକ ଓ ବଂଶୀଧର ସେଠୀ। ଏହି ଉପନିର୍ବାଚନକୁ ନେଇ ପଞ୍ଚାୟତରେ ରାଜନୈତିକ ଉଷ୍ମତା ପରିଲକ୍ଷିତ ହୋଇଛି।

### ସଜନାଗଡ଼ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରୁ ଚୋରି

ନୀଳଗିରି, ୧୩।୧୦(ସ୍ୱ.ପ୍ର.)-ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ସଜନାଗଡ଼ ପଞ୍ଚାୟତରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରୁ ବୁଧବାର ରାତିରେ ତାଲା ଭାଙ୍ଗି କମ୍ପ୍ୟୁଟର, ଇନଭର୍ଟର ସମେତ ଇଲେକ୍ଟ୍ରି ସାମଗ୍ରୀ ଓ ମେଡିକାଲ ଆସେସିରିଜ ଚୋରି ହୋଇଛି। ଗୁରୁବାର ପୂର୍ବାହ୍ନରେ ମେଡିକାଲକୁ ଡାକ୍ତର ଆସିବା ପରେ ତାଲା ଭଙ୍ଗାଯିବା ସହ ମେଡିକାଲ ଉପକରଣ ଓ କମ୍ପ୍ୟୁଟର ଅନ୍ୟାନ୍ୟ ସାମଗ୍ରୀ ନ ଥିବା ଦେଖିବାକୁ ପାଇଥିଲେ। ନୀଳଗିରି ଥାନାରେ ଡାକ୍ତର ଅଭିଯୋଗ କରିବା ପରେ ପୋଲିସ ପହଞ୍ଚି ତଦନ୍ତ କରିଥିଲା। ଡାକ୍ତର ସକାଳ ୮ଟାରୁ ୧୧ଟା ପର୍ଯ୍ୟନ୍ତ କୌଣସି ରୋଗୀଙ୍କୁ ଦେଖି ନ ଥିଲେ। ଫଳରେ ରୋଗୀସେବା ବାଧାପ୍ରାପ୍ତ ହୋଇଥିଲା। ବରହମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା ୫ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ମଧ୍ୟରୁ ସଜନାଗଡ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ୫ ପଞ୍ଚାୟତର ହଜାର ହଜାର ରୋଗୀ ନିର୍ଭର କରିଥାନ୍ତି। ପୂର୍ବରୁ ମଧ୍ୟ ଏଠାରେ ଇନଭର୍ଟର ଚୋରି ହୋଇଥିଲେ ମଧ୍ୟ କିପରି ସିକ୍ୟୁରିଟି ବ୍ୟବସ୍ଥା ହୋଇ ନ ଥିଲା ତାହା ଏବେ ଚର୍ଚ୍ଚା ହେଉଛି।

### ଜେସିବି ଚାପାରେ ବୃଦ୍ଧ ମୃତ୍ୟୁ ଘଟଣା: ଚାଳକ ଗିରଫ

ପାଟଣା,୧୩।୧୦(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ଥାନା ଗୋରାସ ପଞ୍ଚାୟତରେ ପାନୀୟ ଜଳ ପ୍ରକଳ୍ପରେ ନିୟୋଜିତ ଜେସିବି ଚାପାରେ ବୃଦ୍ଧଙ୍କ ମୃତ୍ୟୁ ଘଟିଥିଲା। ଉକ୍ତ ଘଟଣାରେ ପୋଲିସ ଗୁରୁବାର ଚାଳକଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣଙ୍କ ହେଲେ ଗଞ୍ଜାମ ଜିଲା ବେଲଗୁଣ୍ଠା ଥାନା, ବେଲଗୁଣ୍ଠା ଗ୍ରାମର ଡି. ପବିତ୍ର ରେଡ୍ଡୀ(୩୦)।
ସୂଚନାଯୋଗ୍ୟ, ପାଟଣା ଥାନା ଉପାନ୍ତ ଅଞ୍ଚଳ ଗୋରାସ ପଞ୍ଚାୟତ ପଳାଶପଡ଼ା ଗ୍ରାମ୍ୟ ରାସ୍ତାରେ ଗତ ସୋମବାର ଅପରାହ୍ନରେ ଜଣେ ବୃଦ୍ଧଙ୍କ ଉପରେ ଜେସିବି ବକେଟ ଚାପି ହୋଇଯାଇଥିଲା। ଫଳରେ ସାହାରପଡ଼ା ବ୍ଲକ୍ ମାଛଗଡ଼ ପଞ୍ଚାୟତ ସାନବାଲି ପଶି ଗ୍ରାମର କାଣ୍ଡେ ମୁଣ୍ଡାଙ୍କ ଘଟଣା ସ୍ଥଳରେ ମୃତ୍ୟୁ ଘଟିଥିଲା। କ୍ଷତିପୂରଣ ଦାବିରେ ଲୋକେ ରାସ୍ତା ଉପରେ ଶବ ରଖି ପ୍ରତିବାଦ କରିଥିଲେ। ମେଘା ପାନୀୟ ଜଳ ପ୍ରକଳ୍ପ ତରଫରୁ ମୃତକଙ୍କ ପରିବାରକୁ ୩ ଲକ୍ଷ ଟଙ୍କା ପ୍ରଦାନ ପରେ ମଙ୍ଗଳବାର ଶବ ବ୍ୟବଚ୍ଛେଦ ହୋଇଥିଲା। ଘଟଣାରେ ପୋଲିସ ନଂ.୨୨୦/୨୨ରେ ମାମଲା ରୁଜୁ କରି ଚାଳକଙ୍କୁ କୋର୍ଟଚାଲାଣ କରି ତଦନ୍ତ କରୁଛି।

### ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ

ରୂପସା, ୧୩।୧୦(ଡି.ଏନ.ଏ.)- ବାଲେଶ୍ୱର ଜିଲା ବସ୍ତା ଥାନା ମଥାନୀ ପଞ୍ଚାୟତ ସାନଖୁଡ଼ିସ୍ଥିତ ଏଲିନା ଏଲିସା ମାନସିକ ଅନଗ୍ରସର ବିଦ୍ୟାଳୟ ଏବଂ ଲକ୍ଷ୍ମୀ ବାସନ୍ତୀ ମୂକ ଓ ବଧିର ସ୍ୱତନ୍ତ୍ର ଆବାସିକ ବିଦ୍ୟାଳୟ ଆନୁକୂଲ୍ୟରେ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି। ସମ୍ପାଦକ ସମାଜସେବୀ ଅମର କୁମାର ପାଳ ସଭାପତିତ୍ୱ କରିଥିଲେ। ମୁଖ୍ୟବକ୍ତା ଭାବେ 'ଆଶା' ସଙ୍ଗଠନର ପୂର୍ବତନ ସମ୍ପାଦିକା ମଞ୍ଜୁବତୀ ବିଶ୍ୱାଳ ମାନସିକ ସ୍ୱାସ୍ଥ୍ୟର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଶିକ୍ଷକ ପ୍ରଦୀପ କୁମାର ସାହୁ, ଚନ୍ଦନ କୁମାର ବିଶ୍ୱାଳ, ଅରୁଣ କୁମାର ଦାସ, ସ୍ମିତାରାଣୀ ମହାପାତ୍ର ପ୍ରମୁଖ ଯୋଗଦେଇ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳନର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଶିକ୍ଷୟିତ୍ରୀ ଶିକ୍ଷକଙ୍କ ପକ୍ଷରୁ ନିର୍ମଳା ବାସିନୀ ସେନାପତି, ହର୍ଷବର୍ଦ୍ଧନ ଧଳ, ଗଜେନ୍ଦ୍ର ନାଥ ପ୍ରଧାନ, ଅଶୋକ ବିଶ୍ୱାଳ, ଅପର୍ଣ୍ଣା ରାଉତ, ଜୟ ଶ୍ରୀ ସ୍ୱାଇଁ, ଗୌରାଙ୍ଗ ଚରଣ ଦାସ, ସୁମନା ପରିଡା ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟ ଉପାଧ୍ୟକ୍ଷା ଅପରାଜିତା ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ।

# ଦେଓ ନଦୀରେ ଲୀନହେବ ୨ ଗାଁ

କୁଆମରା,୧୩।୧୦(ଡି.ଏନ.ଏ.)


ଦେଓନଦୀ।

ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ବ୍ଲକ ଦେଇ ପ୍ରବାହିତ ଦେଓ ନଦୀ କୂଳରେ ଅବସ୍ଥିତ ଜୟପୁର ପଞ୍ଚାୟତର ସହରସାହି ଓ ମଠସାହି ଗ୍ରାମ ଦୁଇଟି ନଦୀ ଗର୍ଭରେ ଲୀନ ହେବା ଆଶଙ୍କା ପ୍ରକାଶ ପାଇଛି। ପ୍ରତିବର୍ଷ ନଦୀ କୂଳ ଖାଇବା ଯୋଗୁ ଏହି ଦୁଇ ଗାଁ ପ୍ରତି ବିପଦ ଦେଖାଦେଇଛି। ୧୯୯୯ ମହାବାତ୍ୟା ପରଠାରୁ ପ୍ରତିବର୍ଷ ଉକ୍ତ ନଦୀର ଦୁଇ କୂଳ ଖାଇବାରେ ଲାଗିଥିଲେ ମଧ୍ୟ ପ୍ରତିକାର ବ୍ୟବସ୍ଥା କରାଯାଉନାହିଁ। ଏଥିପାଇଁ ସ୍ଥାନୀୟ ଲୋକେ ଆତଙ୍କିତ ଅବସ୍ଥାରେ ଦିନ କାଟୁଛନ୍ତି। ଉକ୍ତ ଦୁଇ ଗ୍ରାମରେ ପାଖାପାଖି ୫ଶହ ଲୋକ ବାସ କରୁଥିବା ବେଳେ ବର୍ଷା ଦିନେ ବାତ୍ୟା ନାଁ ଶୁଣିଲେ ଭୟରେ ଗାଁ ଛାଡ଼ି ଅନ୍ୟତ୍ର ପଳାଇ ଯାଆନ୍ତି। ଏହି ୨ଗ୍ରାମର ଲୋକେ ଆଦିବାସୀ ସମ୍ପ୍ରଦାୟର ହୋଇଥିବା ବେଳେ ସମସ୍ତେ ଦିନ ମଜୁରିଆ। ୯୦ ପ୍ରତିଶତ ଝୁମ୍ପୁଡ଼ି ଘର ଥିବା ବେଳେ ଦୀର୍ଘ ୨୨ ବର୍ଷ ମଧ୍ୟରେ ୬/୭ ଥର ବାତ୍ୟା ଓ ବନ୍ୟା ଯୋଗୁ ଅନେକଙ୍କର ବାସଗୃହ ମାଟିରେ ମିଶିଯାଇଛି। ବିଗତ ୧୦ ବର୍ଷ ମଧ୍ୟରେ କେତେ ଯେ ବାସଗୃହ ନଦୀ ଗର୍ଭକୁ ଗଲାଣି ତାର ହିସାବ ନାହିଁ। ସେହିପରି ନଦୀର ଦୁଇ କୂଳ ଖାଇବା ଯୋଗୁ ଏକର ଏକର ଜମି ନଦୀ ଗର୍ଭରେ ଲୀନ ହୋଇ ଯାଇଛି। ଅନ୍ୟ ପକ୍ଷରେ ଉକ୍ତ ନଦୀର ପଶ୍ଚିମ ପାର୍ଶ୍ୱରେ ଉଦଳା ବ୍ଲକର କଇଁସାରି ଗ୍ରାମ ଅବସ୍ଥିତ। ନଦୀଠାରୁ ଗାଁର ପାଖାପାଖି ଦୂରତ୍ୱ ୫ଶହ ମିଟର ହୋଇଥିବା ବେଳେ ପ୍ରତି ବର୍ଷ ନଦୀ କୂଳ ଖାଇ ଗାଁ ଆଡ଼କୁ ମାଡ଼ି ଆସୁଛି। ଏହି ଗ୍ରାମର ନଦୀ କୂଳରେ ଥିବା ଚାଷ ଜମି ମଧ୍ୟ ନଦୀରେ ମିଶିଲାଣି। ଉକ୍ତ ନଦୀଟି କମ୍ ଓସାରିଆ ହୋଇଥିବାରୁ ଅଧିକ ସ୍ରୋତ ଯୋଗୁ ସାମାନ୍ୟ ବନ୍ୟାରେ ମଧ୍ୟ କୂଳ ଖାଉଛି। ଉକ୍ତ ନଦୀ କିରିକିଚିଆଠାରେ ସୋନ ନଦୀରେ ମିଶିଛି। ବର୍ଷା ଋତୁରେ ସୋନ ନଦୀର ଉପର ମୁଣ୍ଡରେ ପାଣି ଛାଡ଼ିଲେ ଏହି ନଦୀର ପାଣି ଠେଲି ହୋଇ ଗାଁ ଗଣ୍ଡାର କ୍ଷତି ଘଟାଉଛି। ମହାବାତ୍ୟା, ଫାଇଲିନ ଭଳି ପ୍ରାକୃତିକ ବିପର୍ଯ୍ୟୟରେ ଅନେକ ବାସଗୃହ ଓ ଚାଷଜମି ବାଲିଚର ହୋଇଥିଲେ ମଧ୍ୟ ଅଦ୍ୟାବଧି ତାହାର ପୁନରୁଦ୍ଧାର ହୋଇ ପାରିନାହିଁ। ତେବେ ଗ୍ରାମ ଓ ଚାଷ ଜମିର ସୁରକ୍ଷା ପାଇଁ ନଦୀ ଦୁଇ ପାର୍ଶ୍ୱରେ ପଥର ପ୍ୟାକିଂ ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

# ଉପଜିଲାପାଳଙ୍କ ପ୍ରତିଶ୍ରୁତି ପରେ ଉଠିଲେ



ଧାରଣା ସ୍ଥଳରେ ଜନପ୍ରତିନିଧିଙ୍କ ସହ ଉପ ଜିଲାପାଳ।

### ଜନପ୍ରତିନିଧିଙ୍କ ଧାରଣା ପ୍ରସଙ୍ଗ

ଆନନ୍ଦପୁର,୧୩।୧୦(ସ୍ୱ.ପ୍ର.)

କେନ୍ଦୁଝର ଜିଲା ଆନନ୍ଦପୁର ପୌରପରିଷଦର ବିଭିନ୍ନ ସମସ୍ୟାକୁ ନେଇ ଜିଲାପାଳଙ୍କ ସହିତ ଆଲୋଚନା ପରେ ସନ୍ତୋଷଜନକ ଉତ୍ତର ନ ମିଳିବାରୁ ଜନପ୍ରତିନିଧିମାବେ ବୁଧବାର ଉପଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ। ଗୁରୁବାର ଦ୍ୱିତୀୟ ଦିନ ଧାରଣା ଅବସରରେ ଉପଜିଲାପାଳ ଅନିଲ ସେଠୀ ଧାରଣାସ୍ଥଳକୁ ଆସି କାଉନ୍ସିଲରଙ୍କ ଦାବିକୁ ଅନୁଧ୍ୟାନ କରିଥିଲେ। ଜିଲାପାଳଙ୍କ ସହିତ ଆଲୋଚନା କରି ସମସ୍ୟାର ସମାଧାନ ଦିଗରେ ଦୃଷ୍ଟି ଦିଆଯିବ ବୋଲି ପ୍ରତିଶ୍ରୁତି ଦେବାପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଆଗାମୀ ଦିନରେ ପୌରପରିଷଦର ସମସ୍ୟା ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରା ନ ଗଲେ ଆନନ୍ଦପୁର ପୌରପରିଷଦ ଅଞ୍ଚଳକୁ ବନ୍ଦ କରାଯିବ। ସମସ୍ୟା ସମାଧାନ ପର୍ଯ୍ୟନ୍ତ ପ୍ରତିବାଦ ଜାରି ରହିବ ବୋଲି ପୌରପରିଷଦର ଉପ ନଗରପାଳଙ୍କ ସହିତ କାଉନ୍ସିଲରମାନେ ମତବ୍ୟକ୍ତ କରିଥିଲେ।

# ନିର୍ମାଣ କାର୍ଯ୍ୟ ସାରିବା ଉପରେ ଗୁରୁତ୍ୱ


ବୈଠକରେ ଅଧିକାରୀ ଓ କାଳୀପୂଜା କମିଟି ସଦସ୍ୟମାନେ।

### କାଳୀପୂଜା ପାଇଁ ପ୍ରସ୍ତୁତି ବୈଠକ

ବାସୁଦେବପୁର,୧୩।୧୦(ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁରର ଐତିହାସିକ କାଳୀପୂଜାକୁ ଶାନ୍ତିଶୃଙ୍ଖଳାର ସହ ପାଳନ ପାଇଁ ପ୍ରଶାସନ ପକ୍ଷରୁ ପୌରପାଳିକା କାର୍ଯ୍ୟାଳୟ ପରିସରରେ ଏକ ପ୍ରସ୍ତୁତି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ପୌରାଧ୍ୟକ୍ଷା ନିବେଦିତା ବେହେରା, ପୌର ନିର୍ବାହୀ ଅଧିକାରୀ ମାନସ କୁମାର ଦଣ୍ଡପାଟ, ତହସିଲଦାର ଅନିତା ନାୟକ, ବାସୁଦେବପୁର ଥାନା ଆଇଆଇସି ସାବିତ୍ରୀ ପଣ୍ଡାଙ୍କ ସମେତ ୪ ପୂଜା କମିଟିର କର୍ମକର୍ତ୍ତା, ଅଗ୍ନିଶମ ଅଧିକାରୀ ପ୍ରମୁଖ ଏଥିରେ ଯୋଗଦେଇ କାଳୀପୂଜା ପାଳନ ସମ୍ପର୍କରେ ମତ ରଖିଥିଲେ। ପୂର୍ବବର୍ଷ ଭଳି ଚଳିତବର୍ଷ ମଧ୍ୟ ୪ ପୂଜା ମଣ୍ଡପରେ ମା' କାଳୀଙ୍କ ମେଢ଼ ଓ ତୋରଣ କାର୍ଯ୍ୟ ଏବେଠାରୁ ଆରମ୍ଭ ହୋଇସାରିଛି। ପୂଜା ସମୟରେ ଶ୍ରଦ୍ଧାଳୁଙ୍କ ପାଇଁ ଆବଶ୍ୟକ ସୁବିଧା ଯୋଗାଇଦେବା, ସହରକୁ ସଫାସୁତୁରା ରଖିବା, ଟ୍ରାଫିକ ସମସ୍ୟା ବାବଦରେ ଗୁରୁତ୍ୱ ଦେବା, ପୂଜା ପୂର୍ବରୁ ନିର୍ମାଣାଧୀନ ଡ୍ରେନ୍ କାର୍ଯ୍ୟ ସାରିବା ପାଇଁ ପୂଜା କମିଟି ପକ୍ଷରୁ ଦାବି କରାଯାଇଥିଲା। ପ୍ରଶାସନ ଓ ପୌରପାଳିକା ସମସ୍ତ ଦାବି ପ୍ରତି ଧ୍ୟାନ ଦେବ ବୋଲି ପୌରାଧ୍ୟକ୍ଷା, ପୌର ନିର୍ବାହୀ ଅଧିକାରୀ, ତହସିଲଦାର ପ୍ରମୁଖ ପ୍ରତିଶ୍ରୁତି ଦେଇଛନ୍ତି।

### ମହାସଂସ୍କୃତିର ଜାଗରଣ ଯାତ୍ରା ପ୍ରସ୍ତୁତି

ଭଦ୍ରକ ଅଫିସ,୧୩।୧୦

ଭଦ୍ରକ ଶ୍ରୀଜଗନ୍ନାଥ ଦର୍ଶନ ପ୍ରଚାର ସମିତି ପକ୍ଷରୁ ସ୍ଥାନୀୟ ବାଲଗୋପାଳ ମନ୍ଦିର ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଭଦ୍ରକର ପ୍ରସିଦ୍ଧ କାଳୀପୂଜା ଉପଲକ୍ଷେ ସମିତି ପକ୍ଷରୁ ମହାସଂସ୍କୃତିର ଜାଗରଣ ଯାତ୍ରା ମହାସମାରୋହରେ ୫ଦିନ ବ୍ୟାପୀ ପାଳନ କରାଯିବା ଉପରେ ବୈଠକରେ ଆଲୋଚନା କରାଯାଇଥିଲା। ସମିତିର ମୁଖ୍ୟ ପରିଚାଳକ ପଣ୍ଡିତ ଭାଗୀରଥି ନନ୍ଦଶର୍ମା ଏଥିରେ ଅଧ୍ୟକ୍ଷତା କରିଥିଲେ। ପ୍ରାରମ୍ଭରେ ଧାମନଗରର ଦିବଂଗତ ବିଧାୟକ ସ୍ୱର୍ଗତ ବିଷ୍ଣୁ ସେଠୀ ଓ ଚିତ୍ରଶିଳ୍ପୀ ସ୍ୱର୍ଗତ ଅଶୋକ କୁମାର ମହାନ୍ତିଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ସେମାନଙ୍କ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜ୍ଞାପନ କରାଯାଇଥିଲା। ସମିତିର ମୁଖ୍ୟ ଆବାହକ ସେବକ ଶରତ କୁମାର ସାହୁ ବିବରଣୀ ପାଠ କରିଥିଲେ। ସହ ଆବାହକ ବାବୁଲାଲ ଦାସ, ପଣ୍ଡିତ ବିଷ୍ଣୁ ମୋହନ ପଣ୍ଡା, ସନେଇ ଶିଅଳ, ପଦ୍ମଲୋଚନ ମହାପାତ୍ର, ନାରାୟଣ ଚନ୍ଦ୍ର ପ୍ରଧାନ, ସନାତନ ସାହୁ, ସୁରେନ୍ଦ୍ର କୁମାର ସାହୁ ପ୍ରମୁଖ ବୈଠକରେ ଯୋଗ ଦେଇଥିଲେ।

# ଥାଇଲାଣ୍ଡରେ ଶିକ୍ଷକ ପୁରସ୍କୃତ

ବାହାନଗା, ୧୩।୧୦(ଡି.ଏନ.ଏ.)

ବାଲେଶ୍ୱର ଜିଲା ବାହାନଗା ବ୍ଲକ କରଞ୍ଜାବିନ୍ଧା ଗ୍ରାମରେ ଥିବା ବ୍ଲକଗ୍ରାଣ୍ଟ ବିଦ୍ୟାଳୟ କ୍ଷେତ୍ରମୋହନ ଉଚ୍ଚ ବିଦ୍ୟାପୀଠର ସହକାରୀ ଶିକ୍ଷକ ପିତାମ୍ବର ଖିଲାର ଥାଇଲାଣ୍ଡର ବ୍ୟାଙ୍କକଠାରେ ପୁରସ୍କୃତ ହୋଇଛନ୍ତି। ବ୍ୟାଙ୍କକଠାରେ ୟୁନେସ୍କୋ (ମିଳିତ ଜାତିସଂଘର ଶିକ୍ଷା, ବିଜ୍ଞାନ ଓ ସଂସ୍କୃତି ସମ୍ବନ୍ଧୀୟ ପରିଷଦ) ଓ ଥାଇଲାଣ୍ଡ ସରକାର ତରଫରୁ ମିଳିତ ଭାବେ ଶିକ୍ଷା, ସ୍ୱାସ୍ଥ୍ୟ , ବିଜ୍ଞାନ ଏବଂ ସଂସ୍କୃତି ଉପରେ ଏକ ଗବେଷଣା ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରକୁ ଭାରତର ଦୁଇଜଣ ଶିକ୍ଷା ବିଭାଗରୁ ସ୍ଥାନ ପାଇଥିଲେ। ସେଥିମଧ୍ୟରେ ସହକାରୀ ଶିକ୍ଷକ ପିତାମ୍ବର ଖିଲାରଙ୍କୁ ଯୋଗ ଦେବାପାଇଁ ସୁଯୋଗ ମିଳିଥିଲା। ସେ ଶିକ୍ଷା ଉପରେ ଗବେଷଣା କରି ଆଦିବାସୀ ହରିଜନ ଗରିବ ମେଧାବୀ ଛାତ୍ରୀଛାତ୍ରମାନେ ଅଧାରୁ କାହିଁକି ପାଠ ଛାଡୁଛନ୍ତି, ସେମାନଙ୍କୁ କେଉଁ ଉପାୟରେ ଶିକ୍ଷିତ କରି ଶିକ୍ଷା, ସାମାଜିକ ଓ ଅର୍ଥନୈତିକ ବିକାଶ କ୍ଷେତ୍ରରେ ସାମିଲ କରିହେବ ଓ ସେମାନଙ୍କ ପାଖରେ କିପରି ସରକାରୀ ସୁବିଧା ପହଞ୍ଚାଇ ରାଜ୍ୟ ତଥା ଦେଶର ମାନଦଣ୍ଡ ବୃଦ୍ଧିପାଇବ ସେ ବିଷୟରେ ତାଙ୍କର ଗବେଷଣାପତ୍ର ସ୍ଥାନ ପାଇଥିଲା। ଗବେଷଣା ମାଧ୍ୟମରେ ପାଠ ପଢାଉଥିବା ନିଜ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଉପରେ ଗବେଷଣା କରି ସଫଳ ହୋଇଥିବା ଜଣାଇଥିଲେ। ତେବେ ଶିକ୍ଷକ ପୂର୍ବରୁ ଦିଲ୍ଲୀରେ ବେଷ୍ଟ ଇଂଲିଶ ଶିକ୍ଷକ-୨୦୨୨ ଆୱାର୍ଡ ଓ ଦୁବାଇରୁ ମଧ୍ୟ ବେଷ୍ଟ ଶିକ୍ଷକ ଭାବେ ପୁରସ୍କୃତ ହୋଇଥିଲେ। ଚଳିତ ମାସରେ ଥାଇଲାଣ୍ଡରୁ ବେଷ୍ଟ ଟିଚର ଅଫ୍ ଦି ଇଅର-୨୦୨୨ରେ ପୁରସ୍କୃତ ହୋଇଛନ୍ତି। ୟୁନେସ୍କୋର (ଚେୟାରମ୍ୟାନ) ଅଧ୍ୟକ୍ଷ ଅଉଡ୍ରେ ଅଜୁଲେ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଭାରତୀୟ ସଂସଦୀୟ ଦଳର ମୁଖପାତ୍ର କୀର୍ତ୍ତି ଆଜାଦ୍, ଥାଇଲାଣ୍ଡର ଶିକ୍ଷାମନ୍ତ୍ରୀ ତଥା ଆର୍ନ୍ତଜାତିକ ଭୋକେଶନାଲ କମିଟିର ଚେୟାରପର୍ଶନ ଟେରାକିୟାନ ଜାରକୋଷ୍ଟେସିନ୍‌ଙ୍କ ସମେତ ଶିକ୍ଷା ବିଶେଷଜ୍ଞମାନେ ଯୋଗଦେଇ ପିତାମ୍ବରଙ୍କୁ ବେଷ୍ଟ ଟିଚର ଅଫ୍ ଦି ଇୟର-୨୦୨୨ ନିମନ୍ତେ ମାନପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ।



ପୁରସ୍କୃତ ହୋଇଥିବା ଶିକ୍ଷକ ପୀତାମ୍ବର ଖିଲାର। (ମଝି)

# ଅଧିକାରୀସ୍ତରରେ ଅଦଳବଦଳ

ବାରିପଦା ଅଫିସ,୧୩।୧୦

ମୟୂରଭଞ୍ଜ ଜିଲାରେ ଅଧିକାରୀସ୍ତରରେ ଅଦଳବଦଳ ହୋଇଛି। କିଛି ଅଧିକାରୀଙ୍କ ପଦୋନ୍ନତି ହୋଇଥିବା ବେଳେ ଜିଲାରେ ଖାଲି ପଡ଼ିଥିବା ୭ ତହସିଲଦାର ପଦବୀରେ ନିଯୁକ୍ତି ତାଲିକା ପ୍ରକାଶ ପାଇଛି। ରାଜ୍ୟ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ପତ୍ର ସଂଖ୍ୟା ୩୪୭୭୪/୧୩ ଅକ୍ଟୋବର ୨୨ କ୍ରମେ ପଦୋନ୍ନତି ପାଇଥିବା ବାଲେଶ୍ୱରର ସହକାରୀ ଜିଲାପାଳ ଗଦାଧର ଧଳଙ୍କୁ ବଡ଼ସାହି ତହସିଲଦାର ଭାବେ ବଦଳି କରାଯାଇଛି। ସେହିପରି କରଞ୍ଜିଆ ସହକାରୀ ଉପଜିଲାପାଳ ମନ୍ମଥ ନାଥ ମଲ୍ଲିକଙ୍କୁ ବିଶୋଇ ତହସିଲଦାର, ଉଦଳା ସବ୍‌ରେଜିଷ୍ଟ୍ରାର ବିଶ୍ୱରଞ୍ଜନ ମହାନ୍ତିଙ୍କୁ ଗୋପବନ୍ଧୁନଗର ତହସିଲଦାର, ଶାମାଖୁଣ୍ଟା ଅତିରିକ୍ତ ତହସିଲଦାର ମୋହିନୀ ନାଏକଙ୍କୁ ରାସଗୋବିନ୍ଦପୁର ତହସିଲଦାର, ବାରିପଦା ସବ୍‌ରେଜିଷ୍ଟ୍ରାର ମିହିର ରଞ୍ଜନ ବେହେରାଙ୍କୁ ରାଇରଙ୍ଗପୁର ତହସିଲଦାର, ବାଲେଶ୍ୱର ସହକାରୀ ଉପଜିଲାପାଳ ବିଶ୍ୱନାଥ ବିଶ୍ୱାଳଙ୍କୁ ବାଙ୍ଗିରିପୋଷି ତହସିଲଦାର, ଯଶିପୁରର ଅତିରିକ୍ତ ତହସିଲଦାର ମନୋଜ କାର୍ଜୀଙ୍କୁ ସାରସକଣା ତହସିଲଦାର, ବଡ଼ସାହି ଅତିରିକ୍ତ ତହସିଲଦାର ସସ୍ମିତା ମୁର୍ମୁଙ୍କୁ ରରୁଆଁ ତହସିଲଦାର ଭାବେ ପଦୋନ୍ନତି ମିଳିଛି। ସେହିପରି ଜିଲା ମୁଖ୍ୟାଳୟରେ କାର୍ଯ୍ୟରତ ସହକାରୀ ଜିଲାପାଳ ଶିବାନୀ ଭଞ୍ଜଦେଓଙ୍କୁ ମୟୂରଭଞ୍ଜ ଡେପୁଟି ଜିଲାପାଳ ଭାବେ ପଦୋନ୍ନତି ମିଳିଥିବା ବେଳେ ବାରିପଦା ସହକାରୀ ଉପଜିଲାପାଳ ଗୀତା ମୁର୍ମୁଙ୍କୁ ସାରସକଣାର ନୂତନ ବିଡିଓ ଭାବେ ନିଯୁକ୍ତି ମିଳିଛି। ସମସ୍ତେ ଶୁକ୍ରବାର ରିଲିଭ୍ ହେବା ସହିତ ନୂତନ ସ୍ଥାନରେ ଯୋଗଦେବା ପାଇଁ ଆଦେଶରେ ଉଲ୍ଲେଖ ରହିଛି।

### ବିଷ ପିଇ ନାବାଳକଙ୍କ ଆତ୍ମହତ୍ୟା

ସୋର, ୧୩।୧୦(ଡି.ଏନ.ଏ.)

ବାଲେଶ୍ୱର ଜିଲା ସୋର ଥାନା ଅଧୀନ ମଧୁସୂଦନପୁର ପଞ୍ଚାୟତ ଡଗାରା ଗ୍ରାମର ଜଣେ ନାବାଳକ ଗୁରୁବାର ସକାଳେ ବିଷ ପିଇ ଆତ୍ମହତ୍ୟା କରିଛନ୍ତି। ସେ ଏକ ନାଳ ନିକଟରେ ମୁହଁମାଡି ପଡିଥିବା ଦେଖି ସ୍ଥାନୀୟ ଲୋକେ ପରିବାର ଲୋକଙ୍କୁ ଖବର ଦେଇଥିଲେ। ତାକୁ ସଂଜ୍ଞାହୀନ ଅବସ୍ଥାରେ ସୋର ଡାକ୍ତରଖାନାକୁ ଆଣିବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମାମଲା(ନଂ. ୮୨/୨୨) ରୁଜୁ କରି ଶବ ବ୍ୟବଚ୍ଛେଦ ନିମନ୍ତେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ଲୋଧା ଛାତ୍ରୀଙ୍କ ଉଚ୍ଚଶିକ୍ଷା ଆଶା ପୂରଣ ହେଲା
## କଲେଜରେ ନାମ ଲେଖାଇଲେ ଛାତ୍ରନେତା

ମୋରଡ଼ା, ୧୩।୧୦ (ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଅଧୀନ ଗଡ଼ିଗାଁ ପଞ୍ଚାୟତ ଲୋଧା କଲୋନୀ ସାହିର ଅଜିତ ମଲିକ ଓ ଦୁର୍ଗା ମଲିକଙ୍କ ଝିଅ ସାବି ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ। ଘରର ଆର୍ଥିକ ସ୍ଥିତି ସ୍ୱଚ୍ଛଳ ନ ଥିବାବେଳେ ସ୍ଥାୟୀ ବାସିନ୍ଦା ପ୍ରମାଣପତ୍ର ନ ଥିବାରୁ ସାବିଙ୍କ ଉଚ୍ଚଶିକ୍ଷା ଆଶା ମଉଳି ଯାଇଥିଲା। ଏନେଇ ସେପ୍ଟେମ୍ବରରେ ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା। ଖବର ପ୍ରକାଶ ପରେ ଯୁବ ସାମାଜିକ କର୍ମୀ ତଥା ଛାତ୍ରନେତା ଅମୀର ଖାନ ଓ ତାଙ୍କ ସହଯୋଗୀମାନେ ସାବିଙ୍କୁ ସହାୟତାର ହାତ ବଢ଼ାଇଛନ୍ତି। ତାଙ୍କ ଘରେ ପହଞ୍ଚି ପ୍ରଥମେ ଖାଦ୍ୟ ଓ ରାଶନ ସାମଗ୍ରୀ ଯୋଗାଇଦେବା ସହ ସାବିଙ୍କୁ ଉଚ୍ଚଶିକ୍ଷା ପାଇଁ ଆଡ଼ମିଶନ କରାଇଦେବେ ବୋଲି ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ। ଗୁରୁବାର ଦ୍ୱାଦଶ ଶ୍ରେଣୀରେ ଆଡ଼ମିଶନ ଶେଷ ତାରିଖ ଥିବାବେଳେ ଅମୀର ଓ ତାଙ୍କ ସହଯୋଗୀ ହରେକୃଷ୍ଣ ମହାନ୍ତ ସାବି ଏବଂ ତାଙ୍କ ମା'ଙ୍କୁ ଚିତ୍ରଡ଼ା ମହାବିଦ୍ୟାଳୟକୁ ନେଇଥିଲେ। ସାବିଙ୍କ ଆଡ଼ମିଶନ ପାଇଁ ସମସ୍ତ କାଗଜପତ୍ର ପ୍ରସ୍ତୁତ କରିବା ସହ ୧୫୭୪ ଟଙ୍କା ଜମା କରି ଧନ୍ଦାମୂଳକ ଶିକ୍ଷା(କମ୍ପ୍ୟୁଟର ଟେକ୍ନୋଲୋଜି)ରେ ତାଙ୍କ ନାମ ଲେଖାଇଛନ୍ତି। ଏପରିକି ସାବିଙ୍କ କଲେଜ ଯିବାଆସିବା ପାଇଁ ତାଙ୍କୁ ଏକ ସାଇକେଲ ମଧ୍ୟ ଯୋଗାଇଦେବେ ବୋଲି ଅମୀର ପ୍ରତିଶ୍ରୁତି ଦେଇଛନ୍ତି।


ଲୋଧା ଛାତ୍ରୀ ସାବି ମଲିକ, ତାଙ୍କ ମା' ଦୁର୍ଗାଙ୍କ ସହ ଛାତ୍ରନେତା ଅମୀର ଖାନ୍ ଓ ହରେକୃଷ୍ଣ ମହାନ୍ତ।

# ଯୋଡ଼ା ଲକ୍ଷ୍ମୀପୂଜା ମେଳା ଖାଁ ଖାଁ

ଯୋଡ଼ା,୧୩।୧୦(ଡି.ଏନ୍.ଏ)

କେନ୍ଦୁଝର ଜିଲା ତଥା ଉତ୍ତର ଓଡ଼ିଶାର ପ୍ରସିଦ୍ଧ ଯୋଡ଼ା ଲକ୍ଷ୍ମୀପୂଜା ମେଳା ଖାଁ ଖାଁ ରହୁଛି। ବର୍ଷା ଲାଗି ରହିଥିବାରୁ ନିର୍ମାଣାଧୀନ ଫ୍ଲାଏ ଓଭର୍ ରାସ୍ତା କାଦୁଅ ପଚପଚ ହୋଇଛି। ଉକ୍ତ ରାସ୍ତା ଦେଇ ଜନସାଧାରଣ ମେଳା ବୁଲିବାକୁ ଅମଙ୍ଗ ହେଉଛନ୍ତି। ଫଳରେ ବେପାର ମାନ୍ଦା ଯୋଗୁ ଜିଲା ଓ ଜିଲା ବାହାରୁ ଆସିଥିବା ବ୍ୟବସାୟୀ ନିରାଶ ହୋଇଛନ୍ତି। ଅନ୍ୟପକ୍ଷେ ଅଞ୍ଚଳରେ ଖଣି ଖାଦାନ ବନ୍ଦ କାରଣରୁ ଆର୍ଥିକ ସଙ୍କଟ ଦେଖାଯାଇଛି। ତେଣୁ ଲୋକେ ମେଳା ବୁଲିବାକୁ ଆଗ୍ରହ ପ୍ରକାଶ କରୁନଥିବା ସ୍ଥାନୀୟ ଲୋକେ କହିଛନ୍ତି।

ମେଳାରେ ବସିଥିବା ଷ୍ଟିଲ ବାସନ ଦୋକାନୀ ସୁରେଶ ଗୁପ୍ତା କହିଛନ୍ତି ଯେ, ମନ୍ଦିର ମେଳା ପାଇଁ ପୂର୍ବରୁ ଥିବା ଜମିରେ ପାଚେରି ନିର୍ମାଣ ପରେ ମେଳା ସ୍ଥାନ ଛୋଟ ହୋଇଗଲା। ଏହା ସାଙ୍ଗକୁ ବର୍ଷା ବ୍ୟବସାୟକୁ ମାନ୍ଦା କରିଦେଇଛି। ଆଚାର ଦୋକାନୀ କବିତା ଦାସ କୁହନ୍ତି, ମେଳାରେ ଚଳିତ ବର୍ଷ ସ୍ଥାନ ଅଭାବରୁ ଯାତ୍ରା ପଡ଼ି ନାହିଁ, ଫଳରେ ସହର ବାହାରୁ ଆସୁଥିବା ଲୋକଙ୍କ ଭିଡ଼ ଜମୁନି। ତା' ସହିତ ବର୍ଷା ଓ ରାସ୍ତାର ଦୁରବସ୍ଥା ବ୍ୟବସାୟରେ ପ୍ରତିବନ୍ଧକ ସାଜିଛି। ଉତ୍ତର ପ୍ରଦେଶରୁ ମିନା ବଜାରକୁ ଆସିଥିବା ବେଡ୍‌ଶିଟ ଚାଦର ବ୍ୟବସାୟୀ ମହମ୍ମଦ ଉସ୍ମାନ ଓ ନୂର୍ ମହମ୍ମଦ କହିଛନ୍ତି, ସେମାନେ ୨୫ବର୍ଷ ଧରି ଯୋଡ଼ା ମେଳାକୁ ଆସିଥାନ୍ତି।



ଯୋଡ଼ା ଲକ୍ଷ୍ମୀପୂଜା ମେଳା ପଡ଼ିଆ।

**■ଆର୍ଥିକ ମାନ୍ଦାବସ୍ଥା, ବର୍ଷା ବାଧକ**

**■ବ୍ୟବସାୟୀ ନିରାଶ**

ଚଳିତ ବର୍ଷ କିଣାବିକାରେ ୮୦ ପ୍ରତିଶତ ହ୍ରାସ ପାଇଛି। ଖଣି ଖାଦାନ ବନ୍ଦ ହେତୁ ଏହି ପ୍ରଭାବ ପଡ଼ିଛି। ସେହିପରୀ ଫାଷ୍ଟଫୁଡ୍, ଝାଲ ମୁଢ଼ି, ମନୋହରି, ଖେଳନା, ଆଇସ୍‌କ୍ରିମ ବ୍ୟବସାୟୀ କହିଛନ୍ତି ଯେ, ୨୦୨୦ମସିହା ପରେ ଖଣି ଅଞ୍ଚଳର ମାନ୍ଦା ଅବସ୍ଥା ଯୋଗୁ ଅଞ୍ଚଳ ଜନଶୂନ୍ୟ ହୋଇଗଲାଣି। ବେରୋଜଗାର ହୋଇପଡ଼ିଥିବା ଲୋକ କ'ଣ ମେଳାକୁ ବୁଲିବାକୁ ଆସିବେ କି ବୋଲି ଓଲଟା ପ୍ରଶ୍ନ କରିଥିଲେ।

